# ବେଙ୍ଗାଲୁରୁରେ ମୁଖ୍ୟ ପ୍ରେରିତ–ସେପ୍ଟେମ୍ବର ୨୦୨୫

## ''ଏହା ମଙ୍ଗଳ ସାଧନ କରିବାର ସମୟ''

ଅନେକ ଆଶା ସହିତ ୨୧ ସେପ୍ଟେମ୍ବର ୨୦୨୫ ରବିବାର ଆମ ମୁଖ୍ୟ ପ୍ରେରିତଙ୍କ ଆଗମନ ମାଧ୍ୟମରେ ଆତ୍ମିକ ନୂତନୀକରଣ ପ୍ରାପ୍ତିର ମୁହୂର୍ତ୍ତ ନିମନ୍ତେ ପ୍ରସ୍ତୁତ ହେଉଛୁ । ଏହି ଐତିହାସିକ ଗସ୍ତ ମୁଖ୍ୟ ପ୍ରେରିତ ଜନ ଲୁକ ସ୍ନେଇଡ଼ରଙ୍କ ବେଙ୍ଗାଲୁରୁ, କର୍ଣ୍ଣାଟକକୁ ପ୍ରଥମ ଗସ୍ତକୁ ଚିହ୍ନିତ କରେ ।

ଆମେ ନିଉ ଏପଷ୍ଟୋଲିକ ଚର୍ଚ୍ଚ ସମୁଦାୟର ସମସ୍ତ ସଦସ୍ୟଙ୍କୁ ବିଶ୍ୱାସ, ସହଭାଗିତା ଓ ଆନନ୍ଦଜନକ ଏକତାରେ ଏକତ୍ରିତ ହେବାକୁ ନିମନ୍ତ୍ରଣ କରୁ ।

## ମୁଖ୍ୟ ପ୍ରେରିତ ଡ଼ିଭାଇନ ସର୍ଭିସ

- **ତାରିଖ:** ରବିବାର, ୨୧ ସେପ୍ଟେମ୍ବର ୨୦୨୫
- **ସମୟ:** ସକାଳ ୧୧: ୦୦
- **ସ୍ଥାନ :** ଜୋତି ନିଭାସ ଅଡ଼ିଟୋରିୟମ, କରମଙ୍ଗଲା ଇଣ୍ଡଷ୍ଟ୍ରିଆଲ ଲେଆଉଟ, କରମଙ୍ଗଲା, ବେଙ୍ଗାଲୁରୁ, କର୍ଣ୍ଣାଟକକ ୫୬୦୦୩୪

ଏହି ଉତ୍ସବମୁଖର ଡ଼ିଭାଇନ ସର୍ଭିସ ଆମର ତ୍ରିବିଧ ଈଶ୍ୱରଙ୍କ ସହିତ ସହଭାଗିତା ନିମନ୍ତେ ଆଉ ଏକ ସୁଯୋଗ ହେବ–ଏକ ଉତ୍ସବ ଯାହା ନିଶ୍ଚିତ ରୂପେ ଏକ ସ୍ଥାୟୀ ଆତ୍ମିକ ଚିହ୍ନ ଛାଡିଯିବ ।

**ପଞ୍ଜୀକରଣ ସୂଚନା**

ପଞ୍ଜୀକରଣ ବର୍ତ୍ତମାନ ଆରମ୍ଭ ହୋଇଛି । ଆପଣ ଜଣେ ବ୍ୟକ୍ତି ପାଇଁ ୫୦୦ ଟଙ୍କା (କିମ୍ବା ତାଠାରୁ ଅଧିକ) ଦାନ ଦେଇ ଅଡ଼ିଟୋରିଅମରେ ଆପଣଙ୍କର ସିଟ୍ ସଂରକ୍ଷଣ କରିପାରିବେ । ଯେଉଁମାନେ ଅଧିକ ଉଦାରତାର ସହିତ ଦାନ କରିବାକୁ ଚାହାଁନ୍ତି ସେମାନେ ଏହି ଉଦ୍ଦେଶ୍ୟକୁ ସହଯୋଗ କରିବାକୁ ସ୍ୱାଗତ କରାଯାଏ ।

ସିଟ୍ ସୀମିତ, ତେଣୁ ଆପଣଙ୍କ ସ୍ଥାନ ସୁରକ୍ଷିତ କରିବା ପାଇଁ ଶୀଘ୍ର ତାଲିକାଭୁକ୍ତ କରନ୍ତୁ! ଯଦି ଆପଣଙ୍କୁ ସହାୟତାର ଆବଶ୍ୟକ ହୁଏ, ଦୟାକରି ନିଜର ଡ଼ିଷ୍ଟ୍ରିକ୍ଟ ରେକ୍ଟର କିମ୍ବା ପ୍ରେରିତଙ୍କୁ ଯୋଗାଯୋଗ କରନ୍ତୁ ।

ପବିତ୍ର ପ୍ରଭୁଭୋଜ ବିତରକ, ସହାୟକ ଓ ସ୍ଥାନ ପ୍ରଦର୍ଶକ ବ୍ୟକ୍ତି ଅନୁକ୍ରମର ସ୍ଥାନ ସଂରକ୍ଷଣ ବିଷୟରେ ନିର୍ଦ୍ଦେଶ ନିମନ୍ତେ ସିଧାସଳଖ ନିଜ ନିଜ ପ୍ରେରିତଙ୍କୁ ଯୋଗାଯୋଗ କରିବା ପାଇଁ ଅନୁରୋଧ । ଦୟାକରି ଧ୍ୟାନ ଦିଅନ୍ତୁ ଡ଼ବଲ ବୁକିଙ୍ଗ ଫେରସ୍ତ କରାଯିବ ନାହିଁ । ପଞ୍ଜିକରଣ ଖର୍ଚ୍ଚ ଅଗ୍ରୀମ ଦାନ ଅଟେ ଓ ଫେରସ୍ତ ଯୋଗ୍ୟ ନୁହେଁ । ଆପଣଙ୍କ ଉଦାର ସହଯୋଗ ପାଇଁ ଧନ୍ୟବାଦ ।

ଏହି ଲିଙ୍କରେ ଆପଣ ନିଜର ସ୍ଥାନ ପଞ୍ଜୀକରଣ କରିପାରିବେ – https://www.townscript.com/e/ka01ca2025-gf

# ବେଙ୍ଗାଲୁରୁରେ ମୁଖ୍ୟ ପ୍ରେରିତ–ସେପ୍ଟେମ୍ବର ୨୦୨୫

## ସର୍ଭିସ ପରବର୍ତ୍ତୀ ସହଭାଗିତା ଓ ମଧ୍ୟାହ୍ନ ଭୋଜନ

ଡ଼ିଭାଇନ ସର୍ଭିସ ପରେ, ଆପଣମାନଙ୍କୁ ସମସ୍ତଙ୍କୁ ଏକ ଆନନ୍ଦଦାୟକ ମଧ୍ୟାନ୍ନ ଭୋଜନ ପାଇଁ ନିମନ୍ତ୍ରଣ କରାଯାଉଛି । ଏକ ସୁଗମ ଓ ସଂଗଠିତ ଅନୁଭୂତି ପାଇଁ ସ୍ୱେଚ୍ଛାସେବକମାନଙ୍କର ମାର୍ଗଦର୍ଶନକୁ ଅନୁସରଣ କରିବାକୁ ଅନୁରୋଧ ।

ଆପଣମାନଙ୍କର ପ୍ରସ୍ଥାନ ସମୟସୂଚୀ ଅବଗତ କରେଇବା ଆୟୋଜକମାନଙ୍କୁ ସେହି କ୍ରମରେ ସେବା ଯୋଗାଇବାରେ ସାହାଯ୍ୟ କରିବ । ଆପଣ ଯେତେବେଳେ ନିଜର ପାଳିକୁ ଅପେକ୍ଷା କରନ୍ତି, ଗଳ୍ପ କହିବା, ସମ୍ପର୍କକୁ ଗଭୀର କରିବା ଓ ସ୍ଥାୟୀ ସ୍ମୃତି କରିବା ପାଇଁ ସୁଯୋଗକୁ ଉପଯୋଗ କରନ୍ତୁ ।

## ଯାତ୍ରା ଓ ରହିବା ବ୍ୟବସ୍ଥା

ବାହାରୁ ଆସୁଥିବା ଲୋକମାନଙ୍କ ନିମନ୍ତେ ସୁବିଧା ଓ ଆରାମ ନିଶ୍ଚିତ କରିବା ପାଇଁ ସ୍ୱତନ୍ତ୍ର ଆୟୋଜନ କରାଯାଇଛି । **ସୁଲଭ ମୂଲ୍ୟରେ ରହିବା ବିକଳ୍ପ** ଆଉ **ଅଳ୍ପ ଖର୍ଚ୍ଚରେ** ପରିବହନ ବ୍ୟବସ୍ଥା କାର୍ଯ୍ୟକ୍ରମ ସ୍ଥଳକୁ ଯିବା ପାଇଁ କରାଯାଇଛି ।

ପଞ୍ଜୀକରଣ, ଯାତ୍ରା ବ୍ୟବସ୍ଥା, କିମ୍ୱା ରହଣୀ ବ୍ୟବସ୍ଥା ବିଷୟରେ ସାହାଯ୍ୟ ନିମନ୍ତେ ଦୟାକରି ନିଜର ନେତୃବୃନ୍ଦ କିମ୍ୱା ପ୍ରେରିତଙ୍କୁ ଯୋଗାଯୋଗ କରନ୍ତୁ ।

**ସେପ୍ଟେମ୍ବର ୨୦୨୫– ମୁଖ୍ୟ ପ୍ରେରିତଙ୍କ ଦ୍ୱାରା ଆତ୍ମିକ ନୂତନୀକରଣ ।**

ଗଣନା ଆରମ୍ଭ ହୋଇଛି!

ଆସୁ ଆମେ **ବିଭାଜନକାରୀ ଶକ୍ତି ବିରୁଦ୍ଧରେ ଲଢ଼ିବା ଓ ସୁସମାଚାରର ବିଶୁଦ୍ଧତା ବଜାୟ ରଖିବାକୁ** ଆମର ଶପଥକୁ ନୂତନୀକୃତ କରିବା ପାଇଁ ଏକାଠି ହୋଇ ଆମର ପ୍ରିୟ ମୁଖ୍ୟ ପ୍ରେରିତଙ୍କ ଅନ୍ତଃକରଣ ଓ ହସ୍ତକୁ ଦୃଢ଼ କରିବା ।

କଥାକୁ ପ୍ରସାରଣ କରନ୍ତୁ । ଆପଣଙ୍କ ପ୍ରିୟଜନଙ୍କୁ ନିମନ୍ତ୍ରଣ କରନ୍ତୁ । ନିଜର ସଂରକ୍ଷଣ ସୁରକ୍ଷିତ କରନ୍ତୁ ଏବଂ ଏହାକୁ ଏକତା, ଉଦ୍ଦେଶ୍ୟ **''ମଙ୍ଗଳ ସାଧନ କର''** ଏହି କାଳଜୟୀ ଆହ୍ୱାନର ଉତ୍ସବରେ ପରିଣତ କରନ୍ତୁ ।

#EeSalaBengaluru | #ThisTimeBengaluru | #ItIsTimeToDoGood